- ଫସଲ ବୃଦ୍ଧି ସମୟ ଠାରୁ ଆରମ୍ଭ କରି ଖିର ଢ଼ୋକିବା ଅବସ୍ଥାର ୧୫ ଦିନ ପର୍ଯ୍ୟନ୍ତ ୩ ରୁ ୫ ସେ.ମି. ର ଏକ ଜଳସ୍ତର ଜମିରେ ରଖାଯାଏ। କିନ୍ତୁ ଶୀର୍ଷସାର ପ୍ରୟୋଗ କରିବା ପୂର୍ବରୁ ଜଳ ନିଷ୍କାସନ କରାଯାଇଥାଏ ଏବଂ ୨୪ ରୁ ୩୬ ଘଣ୍ଟା ପରେ ଜଳସେଚନ କରାଯାଇଥାଏ।
- ଖିର ଢ଼ୋକିବା ଅବସ୍ଥାର ୭-୧୦ ଦିନ ପରେ ଜମିରୁ ଜଳ ନିଷ୍କାସନ କରନ୍ତୁ।

## ରୋଗ ପୋକ ନିୟନ୍ତ୍ରଣ

### କୀଟ ନିୟନ୍ତ୍ରଣ

- କାଣ୍ଡବିନ୍ଧା ପୋକ, ବଙ୍ଗୀପୋକ, ନଳୀପୋକ ଇତ୍ୟାଦି ଆକ୍ରମଣରୁ ରକ୍ଷା କରିବା ପାଇଁ ୧ ମି.ଲି. କ୍ଲୋରୋପାଇରିଫସ୍ କୁ ୧ ଲିଟର ପାଣିରେ ମିଶାଇ ଦ୍ରବଣ କରିବେ ଏବଂ ଧାନ ରୋପଣ ପୂର୍ବରୁ ଦ୍ରବଣରେ ତଳିକୁ ସାରା ରାତି ବୁଡ଼ାଇ ରଖିବେ।
- ପିଲ ବାହାରିବା ସମୟରେ ଏହି ପୋକ ଆକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରତି ହେକ୍ଟର ପିଛା କାର୍ବୋଫ୍ୟୁରାନ୍ ୩୦ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୦କି.ଗ୍ରା. ପ୍ରୟୋଗ କରନ୍ତୁ।
- ମାଟିଆ ଗୁଣ୍ଡି ପୋକ, ଧଳାପିଠିଆ ଗୁଣ୍ଡିପୋକ, ପତ୍ରମୋଡା ପୋକ, ଗନ୍ଧିପୋକ, ବିରିହାପୋକ, ନଳୀପୋକ ଇତ୍ୟାଦିକୁ ନିୟନ୍ତ୍ରଣ କରିବା ପାଇଁ ୧ ଲିଟର ପାଣି ପିଛା ୫ ମି.ଲି. ନିମ୍ବତେଲ + ୨ ମି.ଲି. ତରଳ ସାବୁନ ସହ ମିଶାଇ ସେହି ମିଶ୍ରଣକୁ ଭଲ ଭାବେ ଗୋଳାଇ ପତ୍ରସିଞ୍ଚା କରିବା ଆବଶ୍ୟକ। ଇମିଡାକ୍ଲୋପ୍ରିଡ୍ ୧ ମି.ଲି. ପ୍ରତି ଲିଟର ହିସାବରେ ସିଞ୍ଚନ କରନ୍ତୁ।
- ଗନ୍ଧିପୋକ, ପ୍ରତି ବର୍ଗମିଟର କ୍ଷେତ୍ରରେ ୨ ଟିରୁ ଅଧିକ ଦେଖାଗଲେ ହେକ୍ଟର ପ୍ରତି ୨୫ କି.ଗ୍ରା. ମିଥାଇଲ୍ ପାରାଥିଅନ୍ ଗୁଣ୍ଡ ଡଷ୍ଟର ସାହାଯ୍ୟରେ ବିଞ୍ଚିବା ଦରକାର।

### ରୋଗ ନିୟନ୍ତ୍ରଣ

- ପତ୍ରପୋଡା ରୋଗ ଦେଖାଗଲେ, ଥୋଡ ଆସିବା ସମୟରେ ଯବକ୍ଷାରଜାନ ବ୍ୟବହାରକୁ ବନ୍ଦ କରିଦେବା ଉଚିତ୍। ପିଲ ଦେବା ସମୟରେ ରୋଗର ଲକ୍ଷଣ ଦେଖାଗଲେ ୧ ଲିଟର ପାଣିରେ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ବା ୦.୧ ଗ୍ରାମ୍ ଷ୍ଟ୍ରିପ୍ଟୋସାଇକ୍ଲିନ୍ ସହିତ ୨ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।
- ମାଟିରେ ପୋଟାସ୍‌ର ଅଭାବ ରହିଲେ ପତ୍ରପୋଡା ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇଥାଏ।
- ୧ କି.ଗ୍ରା. ବିହନ ପ୍ରତି ୨ ଗ୍ରାମ ବାଭିଷ୍ଟିନ୍ ମିଶାଇ ବୁଣିବା ପୂର୍ବରୁ ବିହନ ବିଶୋଧନ କରିବା ଏକାନ୍ତ ଆବଶ୍ୟକ। ଧାନ ଗଛରେ ରୋଗର ଲକ୍ଷଣ ଦେଖାଗଲେ ୧ ଲିଟର ପାଣି ପ୍ରତି ୧ ମି.ଲି. ପ୍ରୋପିକୋନାଜାଲ୍ ୨୫ ଇ.ସି. ମିଶାଇ ସିଞ୍ଚନ କରନ୍ତୁ।
- ଧାନ ଗଛ ପିଲ ଦେବା ସମୟରେ ପ୍ରାୟତଃ ପତ୍ରାଚ୍ଛଦପୋଡା ବା ସାପକାଟିଆ ରୋଗ ଦେଖାଯାଏ । ଅଧିକ ପିଲ ଦେଇ ଝଙ୍କାଳିଆ ହୋଇ ବଢୁଥିବା ବେଳେ ଏ ରୋଗ ଅତିମାତ୍ରାରେ ହୁଏ। ରୋଗ ନିୟନ୍ତ୍ରଣ ପାଇଁ ଭାଲିଡାମାଇସିନ୍ ୩ ଏଲ୍, ୪ ମି.ଲି. ପ୍ରତି ଲିଟର କିମ୍ବା ପ୍ରୋପିକୋନାଜଲ୍ ୧ ମି.ଲି./ଲିଟର ସିଞ୍ଚନ କରନ୍ତୁ।
- ଗୋଟିଏ ହେକ୍ଟର ଜମିରେ ଔଷଧ ସିଞ୍ଚନ ପାଇଁ ୫୦୦ ଲିଟର ପାଣି ବ୍ୟବହାର କରନ୍ତୁ।
- ଯଦି ପ୍ରଥମ ସିଞ୍ଚନ ପରେ କିଛି ରୋଗ ଲକ୍ଷଣ ଦେଖାଯାଏ ତେବେ ୮/୧୦ ଦିନ ଅନ୍ତରରେ ଆଉ ଥରେ ସିଞ୍ଚନ ଆବଶ୍ୟକ ପଡେ।

## ଅମଳ କରିବା, ଶୁଖେଇବା ଏବଂ ସାଇତି ରଖିବା

- ଫୁଲ ଆସିବାର ୩୦-୩୫ ଦିନ ପରେ ଫସଲ କାଟିବା ଉଚିତ୍। ଧାନ କାଟିବାର ୧୦ ଦିନ ପୂର୍ବରୁ ଜମିରୁ ଆସ୍ତେ ଆସ୍ତେ ଜଳ ନିଷ୍କାସନ କରନ୍ତୁ।
- ଧାନକୁ ବିହନ କରି ରଖିବା ପାଇଁ ୧୨ ପ୍ରତିଶତ ଏବଂ ଚାଉଳ ପାଇଁ ୧୪ ପ୍ରତିଶତ ଆର୍ଦ୍ରତା ରଖିବା ଆବଶ୍ୟକ।
- ଚାଉଳ କରିବା ପାଇଁ ଧାନକୁ କିଛିଦିନ ଶୁଖିଲା ଜାଗାରେ ରଖି ରବର ସେଲରରେ କୁଟିବା ଦରକାର। ଏହା ଦ୍ୱାରା ଅଧିକ ଗୋଟା ଚାଉଳ ମିଳିଥାଏ।

## ଫସଲ ପର୍ଯ୍ୟାୟ

- ଜମିରେ ଥିବା ଆର୍ଦ୍ରତାକୁ ଉପଯୋଗ କରି ଖରିଫ୍ ଧାନ ପରେ ଗହମ, ଆଳୁ, ମକା, ସୋରିଷ ଚାଷ ମଧ୍ୟ କରାଯାଇପାରିବ।

ଗୀତାଞ୍ଜଳୀ
ଅଧିକ ଅମଳକ୍ଷମ ସୁଗନ୍ଧିତ ଧାନ କିସମ-ଉତ୍ପାଦନ ଏବଂ ଚାଷ ପଦ୍ଧତି

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ବୈଷୟିକ ଇସ୍ତାହାର-୧୧୮
©ସମସ୍ତ ସତ୍ତ୍ୱ ସଂରକ୍ଷିତ - ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ-୨୦୧୬
ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ : ଡଃ. ବିଶ୍ୱନାଥ ଷଡଙ୍ଗୀ ଏବଂ ସଂଧ୍ୟା ରାଣୀ ଦଲାଲ୍
ଓଡିଆ ରୁପାନ୍ତର: ସଂଧ୍ୟା ରାଣୀ ଦଲାଲ୍
ଫଟୋ: ପ୍ରକାଶ କର ଏବଂ ଭଗବାନ ବେହେରା

ପ୍ରକାଶକ: ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା - ୭୫୩ ୦୦୬
ମୁଦ୍ରଣ : ପ୍ରିଣ୍ଟେକ ଅଫ୍‌ସେଟ୍, ଭୁବନେଶ୍ୱର ।

# ଗୀତାଞ୍ଜଳୀ
# ଅଧିକ ଅମଳକ୍ଷମ ସୁଗନ୍ଧିତ ଧାନ କିସମ-ଉତ୍ପାଦନ ଏବଂ ଚାଷ ପଦ୍ଧତି

ଅଶୋକ ପଟ୍ଟନାୟକ, ଜି.ଜେ.ଏନ୍. ରାଓ, ଶଶାଙ୍କ ଶେଖର ପଟ୍ଟନାୟକ, କେ.ଏସ୍. ରାଓ,
କ୍ଷେତ୍ରମୋହନ ଦାସ ଏବଂ ମାଯାବିନୀ ଜେନା




କଟକ ସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରୁ ବାସୁମତୀ ୩୭୦ ଧାନର ବଂଶୀୟ ଗୁଣକୁ ପରିବର୍ତ୍ତନ କରି ଗୀତାଞ୍ଜଳୀ କିସମଟି ବାହାର କରାଯାଇଛି। ଏହା ଓଡ଼ିଶା ରାଜ୍ୟ ବିହନ ଉପସମିତି ଦ୍ୱାରା ପ୍ରଥମ ବାସ୍ନା ଧାନ ଭାବରେ ୨୦୦୫ ମସିହାରେ ବିକଶିତ ହୋଇଛି ଏବଂ ୨୦୦୬ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏହି କିସମଟି ଓଡ଼ିଶାର ଉଭୟ ଖରିଫ ଏବଂ ରବି ଋତୁରେ ଜଳସେଚିତ ଜମି ପାଇଁ ଉପଯୋଗୀ। ଏହା ମଧ୍ୟମ ଉଚ୍ଚତା ବିଶିଷ୍ଟ ଅଟେ (୧୧୦-୧୧୫ ସେ.ମି.) ଏବଂ ଏହା ୧୩୦ ରୁ ୧୩୫ ଦିନ ମଧ୍ୟରେ ଅମଳ ଦିଏ। ଖରିଫ୍ ଋତୁରେ ପ୍ରତି ହେକ୍ଟର ପିଛା ୪.୫ ରୁ ୫ ଟନ୍ ଅମଳ ଦିଏ। ଏହା ମହିଷା ରୋଗ, ପତ୍ରଚିତ୍ତା ରୋଗ ସହିଷ୍ଣୁ ଅଟେ। ଏହାର ଚାଉଳ ଏବଂ ରାନ୍ଧିବା ଗୁଣ ପ୍ରାୟତଃ ବାସୁମତୀ ଚାଉଳର ମାନ ସଙ୍ଗେ ସମାନ ଯଥା ଲମ୍ବା, ସରୁ ଓ ସଫା ଚାଉଳ ଯାହାର ଲମ୍ବା ପ୍ରାୟ ୭.୪୭ ମି.ମି. ଓ ପ୍ରସ୍ଥ ପ୍ରାୟ ୧.୮୬ ମି.ମି., ଏହି କିସମ ଧାନରୁ ହାରାହାରି ୫୯ ଭାଗ ଚାଉଳ ମିଳିଥାଏ। ଚାଉଳ ରାନ୍ଧିବା ପରେ ଲମ୍ବା ପ୍ରାୟ-୧୩ ମି.ମି., ଚାଉଳ ଫୁଲିବା ଅନୁପାତ ପ୍ରାୟ ୧.୭୪, ଆଲକାଲି ମୂଲ୍ୟ-୫.୦ ଏବଂ ଆମାଇଲୋଜ ପରିମାଣ ମଧ୍ୟମ ଧରଣର (୨୫%)। ରାନ୍ଧିବା ପରେ ଭାତ ନରମ, କୋମଳ ହୋଇ ରହିଥାଏ ଓ ଅଠାଳିଆ ଲାଗେ ନାହିଁ। ମୁଖ୍ୟତଃ ଏହି କିସମକୁ ଖରିଫ୍ ଋତୁରେ ବ୍ୟବହାର କରିବା ପାଇଁ ଏବଂ ଅଧିକ ବିହନ ପାଇଁ ମୁଖ୍ୟତଃ ରବି ଋତୁରେ ଚାଷ କରନ୍ତୁ ।

## ଅନୁମୋଦିତ ଚାଷ ପଦ୍ଧତି

### ଉପଯୁକ୍ତ ଜମି ଓ ଜଳବାୟୁ

#### ଖରିଫ୍ ଋତୁ

ଏହି ଲମ୍ବା ଦାନା ଯୁକ୍ତ, ସୁଗନ୍ଧିତ ଧାନରୁ ଅଧିକ ଅମଳ ପାଇବା ପାଇଁ ଜଳସେଚିତ ଜମି କିମ୍ବା ପାଣି ସୁବିଧା ଥିବା ଏବଂ ପାଣି ସୁବିଧାରେ ନିଷ୍କାସନ ହୋଇପାରୁଥିବା ଜମି ଦରକାର। କିସମର ସୁଗନ୍ଧ ଏବଂ ଗୁଣବତ୍ତା ପାଇଁ ଫୁଲ ଧରିବା ଠାରୁ ଅମଳ ହେବା ସମୟ ପର୍ଯ୍ୟନ୍ତ ଦିନରେ ଖରା, ରାତିରେ ଥଣ୍ଡା, ଆର୍ଦ୍ରତା, ସନ୍ଧ୍ୟା ସମୟରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ଇତ୍ୟାଦି ଉପରେ ନିର୍ଭର କରେ। ଧାନ ବୁଣା ଏପରି ସମୟରେ ହେବା ଦରକାର ଯେପରି ଶୀତ ଋତୁର ଆରମ୍ଭରେ ଫୁଲ ଆସିବାର ସମୟ ହୋଇଥିବା ଦରକାର।

## ରବି ଋତୁ

ଫସଲ ଅମଳ ହେବା ପର୍ଯ୍ୟନ୍ତ ଜଳସେଚିତ ଜମିରେ ଠିକ୍ ଭାବେ ଜଳସେଚନର ସୁବିଧା ଥିବା ଆବଶ୍ୟକ ଏବଂ ଧାନ ବୁଣା ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଧା ସାରିବା ଦରକାର।

## ତଳିଘେରା ପ୍ରସ୍ତୁତି

- ଜମିକୁ ୩ ରୁ ୪ ଥର ହଳ କରନ୍ତୁ କିମ୍ବା ରୋଟାଭେଟର ସାହାଯ୍ୟରେ ଦୁଇଥର ହଳ କରି ମାଟିକୁ ଗୁଣ୍ଡ କରି ସମତୁଲ କରିବା ଆବଶ୍ୟକ।
- ମୁଖ୍ୟ ଜମିକୁ ୧.୦ ମିଟର ଘ ୧୦ ମିଟର ଆକାରର ଛୋଟ ଛୋଟ ପ୍ଲଟରେ ଭାଗ କରି ପ୍ଲଟ ଚାରିପାଖରେ ପାଣି ଯିବା ପାଇଁ ନାଳି କରନ୍ତୁ।
- ରବି ଋତୁରେ ତଳି ଘେରା ଜମିକୁ ପଲିଥିନ୍ ସାହାଯ୍ୟରେ ଘୋଡାଇ ରଖନ୍ତୁ।

## ବିହନ ଚୟନ ଏବଂ ମାତ୍ରା

- ଧାନ ଫସଲରୁ ଅଧିକ ଅମଳ ପାଇବା ପାଇଁ ଉନ୍ନତ ମାନର ବିହନ ଚୟନ କରିବା ନିତାନ୍ତ ଆବଶ୍ୟକ କାରଣ ଏହା ଶତକଡା ୧୫ ଭାଗ ଅଧିକ ଅମଳ ଦେବାରେ ସାହାଯ୍ୟ କରିଥାଏ।
- ଆବଶ୍ୟକ ପରିମାଣର ଲୁଣ ଦ୍ରବଣ ହୃଷ୍ଟପୁଷ୍ଟ ବିହନ ଚୟନ ପାଇଁ ଦରକାର ପଡିଥାଏ। ଉପଯୁକ୍ତ ସାନ୍ଦ୍ରତା ପାଇଁ ୧ ଲିଟର ପାଣିରେ ୬୦ ଗ୍ରାମ ଲୁଣ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ।
- ଲୁଣ ଦ୍ରବଣରେ ଧାନକୁ ବୁଡାଯାଏ, ଉପରେ ଭାସୁଥିବା ଅଳିଆ ଅଗାଡି ଆଦିକୁ ବାହର କରିଦିଅନ୍ତୁ ଏବଂ ତଳେ ରହିଥିବା ସୁସ୍ଥ ମଞ୍ଜିକୁ ପରିଷ୍କାର ଜଳରେ ଧୋଇ ଦିଅନ୍ତୁ।
- ଗୁଆ ଧାନ ପାଇଁ ତଳି ଘେରାରେ ହେକ୍ଟର ପିଛା ୩୦ ରୁ ୩୫ କି.ଗ୍ରା. ବିହନ ଆବଶ୍ୟକ ହୁଏ।

## ବିହନ ବିଶୋଧନ

- ଶୁଷ୍କ ମଞ୍ଜି ବୁଣୁଥିଲେ ପ୍ରତି ଏକ କି.ଗ୍ରା. ବିହନ ପାଇଁ କାର୍ବେନ୍ଡାଜିମ୍ (୫୦ ଡବ୍ଲୁ.ପି)୨ ଗ୍ରାମ୍ ହିସାବରେ ଭଲଭାବରେ ଗୋଳାଇ ବିଶୋଧନ କରନ୍ତୁ।
- ଆର୍ଦ୍ର ତଳିଘେରା ପରିସ୍ଥିତିରେ ବିହନକୁ ବିଶୋଧନ କରିବା ପାଇଁ ୧୦ କି.ଗ୍ରା. ବିହନକୁ ୨୦ ଲିଟର ପାଣିରେ ୧ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୪୦ ଗ୍ରାମ୍ କାର୍ବେନ୍ଡାଜିମ୍ ମିଶାଇ ତିଆରି କରିଥିବା ଦ୍ରବଣରେ ୮ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବତୁରାନ୍ତୁ। ମଞ୍ଜିକୁ ପାଣିରୁ ବାହାର କରି ବୁଣିବା ପୂର୍ବରୁ ଛାଇରେ ଶୁଖାନ୍ତୁ। ଗଜା ହେବା ପାଇଁ ବିଶୋଧିତ ମଞ୍ଜିକୁ ଝୋଟ ଅଖା ବା ପାଲରେ ଭଲଭାବେ ଗୁଡାଇ ରଖନ୍ତୁ। ଏହା ପତ୍ରାଚ୍ଛାଦପୋଡା ଓ ସଢ଼ା ରୋଗ, ମହିଷା ରୋଗ ଓ ପତ୍ରପୋଡା ରୋଗରୁ କିସମକୁ ରକ୍ଷା କରେ।

## ବିହନ ବୁଣିବା ଏବଂ ତଳିଘେରା ପରିଚାଳନା

### ଖରିଫ ଋତୁ

- ଧାନ ବୁଣିବା ସମୟ ଏପରି ହୋଇଥିବା ଦରକାର, ଯେପରି ଶୀତ ଋତୁରେ କିସମର ଫୁଲ ଧରିବା ଅବସ୍ଥା ହୋଇଥିବ।
- ପାଖାପାଖି ୧ ଏକର ଜମି ରୋଇବା ପାଇଁ ୧୦ ଡିସି.ମି.ଲି. ଜମି ତଳିଘେରା ପାଇଁ ନିଆଯାଏ।
- ମାଟି ଶୁଷ୍କ ଥିବା ସମୟରେ ଦୁଇ ଥର ହଳ ଚଲାଇ ୪-୫ ଦିନ ପର୍ଯ୍ୟନ୍ତ ଠିଆପାଣି ରଖନ୍ତୁ। ମାଟିକୁ ଦୁଇ ତିନି ଥର କାଦୁଅ କରି ପଟା ଚଲାଇ ସମତୁଲ କରନ୍ତୁ।
- ଫାର୍ମ ୟାର୍ଡ ଖତ ପ୍ରୟୋଗ କରନ୍ତୁ। ଜମିକୁ ସମତୁଲ କରନ୍ତୁ। ଆବଶ୍ୟକ ମୁତାବକ ଜମିକୁ ଛୋଟ ଛୋଟ ପ୍ଲଟରେ ଭାଗ କରନ୍ତୁ। ନାଳିକରନ୍ତୁ ଯେପରି ଜଳ ପରିଚାଳନା ଭଲ ଭାବରେ ହୋଇପାରୁଥିବ।
- ତଳି ଘେରାରେ ପ୍ରତି ହେକ୍ଟରରେ କମ୍ପୋଷ୍ଟ ସହ ୧୦୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍ଫରସ୍ ଓ ୨୦ କି.ଗ୍ରା. ପଟାସ୍ ର ପ୍ରୟୋଗ କରନ୍ତୁ।
- ଅଙ୍କୁରିତ ବିହନକୁ ତଳିଘେରାରେ ବୁଣନ୍ତୁ, ଯେପରି ଓଦା ମାଟିରେ ମଞ୍ଜିଗୁଡିକ ଲାଗିରହିବ ଏବଂ ଖରା ଓ ପକ୍ଷୀ ଆକ୍ରମଣରୁ ମଞ୍ଜି ନଷ୍ଟ ହେବ ନାହିଁ।
- ତଳି ଘେରାକୁ ଓଦା ରଖନ୍ତୁ, ତଳି ପାଖାପାଖି ୧ ଇଞ୍ଚର ହୋଇଗଲେ ଘେରାରେ ପାଣିର ଏକ ପତଳା ସ୍ତର ରଖିବା ଆବଶ୍ୟକ। ତଳିକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ପାଣି ନିଷ୍କାସନ କରିଦିଅନ୍ତୁ, କାରଣ ଦିନ ତାତିରେ ପାଣି ଗରମ ହୋଇଯାଏ, ଯାହା ତଳିକୁ କ୍ଷତି ପହଞ୍ଚାଇଥାଏ।
- ଗଜା ବାହାରିବାର ୧୫ ଦିନ ପରେ କାର୍ବୋଫ୍ୟୁରାନ୍ (ଫ୍ୟୁରାଡନ୍ ୩ ଜି.) ପ୍ରୟୋଗ କରନ୍ତୁ କିମ୍ବା ତଳିକୁ ୨ ମି.ଲି. କ୍ଲୋରୋପାଇରିଫସ୍ କୁ ୧ ଲିଟର ପାଣିରେ ମିଶାଇ ତିଆରି କରିଥିବା ଦ୍ରବଣରେ ସାରା ରାତି ରଖାଯାଏ।
- ତଳିଘେରାରୁ ତଳି ଉପୁଡେଇବାର ୭ ଦିନ ପୂର୍ବରୁ ପ୍ରତି ହେକ୍ଟରରେ ୧୦୦ କି.ଗ୍ରା. ଯବକ୍ଷାରଜାନ ଶୀର୍ଷ ସାର ହିସାବରେ ପ୍ରୟୋଗ କରନ୍ତୁ।

### ରବି ଋତୁ

ନଭେମ୍ବର ଶେଷରୁ ଡିସେମ୍ବର ମଧ୍ୟମ ସପ୍ତାହ ମଧ୍ୟରେ ଉପରୋକ୍ତ ପ୍ରଣାଳୀରେ ତଳି ଘେରା ପ୍ରସ୍ତୁତ କରନ୍ତୁ। ଅତ୍ୟଧିକ ତାପମାତ୍ରା ପାଉ ନଥିବା ଜମିରେ ଏହି କିସମଟିର ଚାଷ କରନ୍ତୁ।

## ଜମି ପ୍ରସ୍ତୁତି

- ଖରାଦିନେ ୧ ରୁ ୨ ଥର ଖରାଟିଆ ଓଡ ଚାଷ କରିଦେବା ଉଚିତ୍ ଏବଂ ତା ପରେ ପ୍ରତି ହେକ୍ଟର ପିଛା ଫାର୍ମ ୟାର୍ଡ ଖତ ୨ ଟନ୍ ହିସାବରେ ପ୍ରୟୋଗ କରନ୍ତୁ।
- ୭ ରୁ ୮ ଦିନ ଅନ୍ତରରେ ଜମିକୁ ୨ ରୁ ୩ ଥର କାଦୁଅ କରାଯାଏ, ଫଳରେ ଘାସ ନିୟନ୍ତ୍ରଣ ସହିତ ଖାଦ୍ୟସାରର ଉପଲବ୍ଧତା ବଢ଼ିଥାଏ।
- ମଇ ବ୍ୟବହାର କରି ଜମିକୁ ସମତୁଲ କରାଯିବା ଦ୍ୱାରା ଜମିରେ ପାଣିସ୍ତର ସମାନ ରହେ।
- ଜମିକୁ ଶେଷଥର ପାଇଁ କାଦୁଅ କରି ପ୍ରସ୍ତୁତ କରାଯିବା ପୂର୍ବରୁ ମୂଳସାର ସବୁ ପ୍ରୟୋଗ କରନ୍ତୁ।

## ତଳି ରୁଆ

### ଖରିଫ ଋତୁ

- ବିହନର ଶୁଦ୍ଧତା ପାଇଁ ସମାନ ବ୍ୟବଧାନରେ ତଳି ଲଗେଇବା ଅନୁଚିତ୍।
- ପ୍ରତି ବୁଦାରେ ୨ ରୁ ୩ ଟି ତଳି ହିସାବରେ ୨୦ ଘ ୧୫ ସେ.ମି. ବ୍ୟବଧାନରେ ତଳି ଲଗାନ୍ତୁ।
- ଧାଡି ରୁଆ କରୁନଥିଲେ ଏକ ବର୍ଗମିଟର ପିଛା ୪୦-୪୫ ବୁଦା ରଖନ୍ତୁ।
- ଧାଡି ରୁଆ ପାଇଁ ୨୦ଘ ୧୫ ସେ.ମି. (ଏକ ବର୍ଗମିଟର ପିଛା ୩୩ ବୁଦା) କିମ୍ବା ୧୫ ଘ ୧୫ ସେ.ମି.(ଏକ ବର୍ଗମିଟର ପିଛା ୪୪ ବୁଦା) ବ୍ୟବଧାନରେ ତଳି ଲଗେଇବା ଉଚିତ୍।

### ରବି ଋତୁ

- ୨୫ ରୁ ୩୦ ଦିନିଆ ତଳିକୁ ପ୍ରତି ବୁଦାରେ ୨ ରୁ ୩ଟି ତଳି ହିସାବରେ ୧୫ ଘ ୧୫ ସେ.ମି.(ଏକ ବର୍ଗମିଟର ପିଛା ୪୪ ବୁଦା) ବ୍ୟବଧାନରେ ଲଗାନ୍ତୁ।

## ବ୍ୟବଧାନ ପୂରଣ/ଖାଲି ସ୍ଥାନ ପୂରଣ

- ୧୦ ରୁ ୧୫ ଦିନ ପରେ ଖାଲି ପଡିଥିବା ସ୍ଥାନମାନଙ୍କରେ ତଳି ଲଗେଇବା ଉଚିତ୍। ଦରକାର ପଡିଲେ ଖାଲି ସ୍ଥାନରେ ପିଲରେ ଥିବା ଧାନ ଗଛ ବ୍ୟବହାର କରି ତଳି ଲଗେଇବା ଉଚିତ୍।

## ସାର ପରିଚାଳନା

- ମାଟିର ପରୀକ୍ଷା କରାଯାଇ, ପ୍ରାଥମିକ ସ୍ତରର ମାଟିର ଉର୍ବରତା ଅନୁଯାୟୀ ସାର ପ୍ରୟୋଗ କରିବା ଉଚିତ୍।
- ଖରିଫ୍ ଚାଷ : ଯବକ୍ଷାରଜାନ : ଫସଫରସ୍:ପଟାସ୍: ୮୦:୪୦:୪୦ କି.ଗ୍ରା. ଓ ୨୫ କି.ଗ୍ରା. ଜିଙ୍କ୍ ପ୍ରତି ହେକ୍ଟର ପିଛା ପ୍ରୟୋଗ କରନ୍ତୁ।
- ରବି ଚାଷ : ଯବକ୍ଷାରଜାନ:ଫସଫରସ୍:ପଟାସ୍:୯୦:୪୦:୪୦ କି.ଗ୍ରା. ଓ ୨୫ କି.ଗ୍ରା. ଜିଙ୍କ୍ ପ୍ରତି ହେକ୍ଟର ପିଛା ପ୍ରୟୋଗ କରନ୍ତୁ।
- ମୂଳସାର ରୂପେ ଯବକ୍ଷାରଜାନ ସାରର ଅଧା, ପୂର୍ଣ୍ଣମାତ୍ରାର ଫସଫରସ୍, ଦୁଇ ତୃତୀୟାଂଶ ପଟାସ୍ ସାରକୁ ପ୍ରୟୋଗ କରାଯାଏ।
- ଅବଶିଷ୍ଟ ଯବକ୍ଷାରଯାନ ସାରକୁ ୨ ଭାଗ କରି ୧ ଭାଗ ରୋପଣର ତିନି ସପ୍ତାହ ପରେ ଏବଂ ଅନ୍ୟ ଏକ ଭାଗଟି ଥୋଡ ସାର ରୂପେ ପ୍ରୟୋଗ କରନ୍ତୁ। ବାକିଥିବା ଏକ ତୃତୀୟାଂଶ ପଟାସ୍ ସାର ଥୋଡ ସାର ହିସାବରେ ପ୍ରୟୋଗ କରନ୍ତୁ ।
- ଯବକ୍ଷାରଜାନ ସାର ପ୍ରୟୋଗ ପାଇଁ ଲିଫ୍ କଲର ଚାର୍ଟ ବ୍ୟବହାର କରନ୍ତୁ ।

## ଘାସ ନିୟନ୍ତ୍ରଣ

- ପ୍ରତି ହେକ୍ଟର ପିଛା ପ୍ରେଟିଲାକ୍ଲୋର ୧.୬ ଲିଟର, ତଳି ରୋଇବାର ୪ ରୁ ୬ ଦିନ ମଧ୍ୟରେ ଅଳ୍ପ ପାଣିଥିବା ଜମିରେ ପ୍ରୟୋଗ ଦ୍ୱାରା ବହୁ ମାତ୍ରାରେ ଘାସ ନିୟନ୍ତ୍ରଣ ହୋଇଥାଏ।
- ଉପରୋକ୍ତ ରାସାୟନିକ ପଦାର୍ଥକୁ ମଧ୍ୟ ୨୦ କି.ଗ୍ରା. ବାଲିରେ କିମ୍ବା ୧୦ କି.ଗ୍ରା. ୟୁରିଆ ସାରରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରାଯାଇଥାଏ। ଜମିରୁ ୪୮ ଘଣ୍ଟା ଭିତରେ ଜଳ ନିଷ୍କାସନ କରିବା ଅନୁଚିତ୍।
- ଧାଡିରେ ଲଗାଯାଇଥିବା ଫସଲରେ ଘାସ ବଛା ଯନ୍ତ୍ର ବ୍ୟବହାର କରି ଘାସ ନିୟନ୍ତ୍ରଣ କରାଯାଇପାରେ।
- କୌଣସି ରାସାୟନିକ ଘାସମରା ପ୍ରୟୋଗ କରୁନଥିଲେ, ଏହା ବଦଳରେ ୨ ଥର ହାତବଛା ଧାନ ରୋଇବାର ୨୦ ଦିନ ଓ ୪୦ ଦିନ ପରେ କରନ୍ତୁ।

## ଜଳ ପରିଚାଳନା

- ଉପଯୁକ୍ତ ଭାବେ ଜଳ ପରିଚାଳନା କଲେ, ଧାନ କେଣ୍ଡାର ଠିକ୍ ବୃଦ୍ଧି ହୋଇଥାଏ, ଉପଯୁକ୍ତ ମାତ୍ରାର ଯବକ୍ଷାରଜାନ ସାର ବ୍ୟବହାର ହୋଇଥାଏ ଓ ଘାସ ନିୟନ୍ତ୍ରଣ ମଧ୍ୟ ହୋଇଥାଏ।
- ତଳି ରୋପଣର ୧ ସପ୍ତାହ ପର୍ଯ୍ୟନ୍ତ ଜମି ଆର୍ଦ୍ରତା ରଖିବା ଦ୍ୱାରା ଗଛ ସୁଦୃଢ଼ ରହେ।